# ଆଧୁନିକ ଶୈଳୀରେ ନିର୍ମାଣ ଓ ପରିଚାଳନା ଶୀର୍ଷକ ଆଲୋଚନାଚକ୍ର ଉଦ୍‌ଯାପିତ

ବ୍ରହ୍ମପୁର,୧୨/୧୧(ଇମିସ): ସ୍ଥାନୀୟ ମହିଳା ପଲିଟେକନିକ ମହାବିଦ୍ୟାଳୟ ଠାରେ ଆଧୁନିକ ଶୈଳୀରେ ନିର୍ମାଣ ଓ ପରିଚାଳନା ଶୀର୍ଷକ ଆଲୋଚନାଚକ୍ର ଗତ କାଲି ଠାରୁ ଆରମ୍ଭ ହୋଇ ଆଜି ଉଦ୍‌ଯାପିତ ହୋଇଯାଇଛି। 'ଦି ଇନଷ୍ଟିଚ୍ୟୁଟ ଅଫ ଇଂଜିନିୟରର୍ସ , ବ୍ରହ୍ମପୁର ଶାଖା ପକ୍ଷରୁ ଆୟୋଜିତ ଏହି ସର୍ବଭାରତୀୟ ସ୍ତରୀୟ ଆଲୋଚନାଚକ୍ରର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁକ୍ତରାଷ୍ଟ୍ର ଆମେରିକାର ସ୍ୟାନଡିଆଇଗୋର ଗ୍ଲୋବାଲ ଆନାଲିଟିକ ଡ. ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ବର୍ତ୍ତମାନ ଯୁଗରେ ନିର୍ମାଣ ଶୈଳୀରେ ଦେଖାଦେଇଥିବା ବୈପ୍ଳବିକ ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ। ଯେ କୌଣସି ଭଲ ଓ ବଡ଼ ପ୍ରକଳ୍ପ କାମରେ ଇଂଜିନିୟରମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ନିମନ୍ତେ ଆଧୁନିକ ଯୁଗରେ କରାଯାଉଥିବା ନିର୍ମାଣ ଶୈଳୀ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଇଂ ବି.କେ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବା ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ଏଚ.ଏସ.ବେହେରା ଓ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଟେକନିକାଲ ଏଜୁକେସନ, ଓଡିଶାର ନିର୍ଦ୍ଦେଶକ ଆର୍.ଏନ. ଦାସ




(ଆଇ.ଏ.ଏସ୍) ଯୋଗଦେଇ ଏହି କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଭଳି କର୍ମଶାଳା ଆୟୋଜିତ ହେବା ଦ୍ୱାରା ଜ୍ଞାନର ପରିସୀମା ବୃଦ୍ଧି ପାଇବ ବୋଲି କହିଥିଲେ। ଇଂ. ଆର୍.ଏନ ମୂର୍ତ୍ତି, ଆର୍.ସି. ପଟ୍ଟନାୟକ, ପି.ଏସ୍.ଏନ ରାଓ, ସୁଦର୍ଶନ ପଣ୍ଡା, ଆଶୁତୋଷ ଦାସ, ସୀମାଞ୍ଚଳ ଦାସ ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଇଂଜିନିୟର ନୂତନ କୁମାର ଦାସ, ଅଶୋକ ଦାସ, ଏଲ.କେ.ବିଶୋୟୀ, ଏସ୍. ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଟେକନିକାଲ ସେସନରେ ଇଂ ଏସ୍.କେ. ଚୌଧୁରୀ, ଇଂ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଇଂ ସୀମାଞ୍ଚଳ ମହାପାତ୍ର, ଇଂ.ସ୍ୱାଧୀନ କୁମାର ପାଣିଗ୍ରାହୀ ପ୍ରମୁଖ ବିଭିନ୍ନ ବିଷୟ ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ। ଏଥିରେ ଆଧୁନିକ ଶୈଳୀରେ ନିର୍ମାଣ, ଫ୍ଲାଇ ଆଶ ବ୍ୟବହାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ବ୍ୟକ୍ତିମାନେ ବୁଝିପାରିନଥିବା ପ୍ରସଙ୍ଗ ଉପରେ ପ୍ରଶ୍ନ ପଚାରି ସେମାନଙ୍କର ସନ୍ଦେହ ଦୂର କରିଥିଲେ। ଏଥିରେ ରାଜ୍ୟ ତଥା ବାହାରୁ ବହୁ ଇଂଜିନିୟର ଯୋଗଦେଇଥିଲେ।